# NATIONAL NEWS BULLETIN (ODIA)

**7 February - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ୬ ଦଶମିକ ୨/୫ ପ୍ରତିଶତକୁ ରେପୋରେଟ୍ ହ୍ରାସ କଲା ଭାରତୀୟ ରିଜର୍ଭ ବ୍ୟାଙ୍କ
- ଲୋକସଭାରେ ୨୦୨୫-୨୬ ସାଧାରଣ ବଜେଟ୍ ଉପରେ ଆଲୋଚନା ଆରମ୍ଭ
- ପ୍ରୟାଗରାଜ ମହାକୁମ୍ଭରେ ଆଜି ପ୍ରସିଦ୍ଧ କଳାକାରମାନଙ୍କୁ ନେଇ ଆୟୋଜିତ ହେବ ସାଂସ୍କୃତିକ କାର୍ଯ୍ୟକ୍ରମ
- ୬ ହଜାର ୩୯୦ ଜଣଙ୍କୁ ଆଜୁ ନିଯୁକ୍ତି ପତ୍ର ପ୍ରଦାନ କରିବେ ଓଡ଼ିଶା ସରକାର ।

ଏବଂ

- ଚେନ୍ନାଇ ଓପନ୍ ଟେନିସ୍ ଫାଇନାଲ୍‌ରେ ଆଜି ସନ୍ଧ୍ୟାରେ ଚ୍ୟାଲେଞ୍ଜର ପର୍ଯ୍ୟାୟରେ ଖେଳିବେ ଦୁଇ ଭାରତୀୟ ପୁରୁଷ ଯୋଡ଼ି ।

---

## ଏଲ୍ଏସ୍-ବଜେଟ୍

ଲୋକସଭାରେ ଆଜି ୨୦୨୫-୨୬ ସାଧାରଣ ବଜେଟ ଉପରେ ଆଲୋଚନା ଆରମ୍ଭ ହୋଇଛି । ଆଲୋଚନା ଆରମ୍ଭ କରି କଂଗ୍ରେସ ସାଂସଦ ଧର୍ମବୀର ଗାନ୍ଧୀ ଅଭିଯୋଗ କରିଛନ୍ତି, ଦେଶ ସମ୍ମୁଖୀନ

ହେଉଥିବା କୃଷି ସମସ୍ୟାଗୁଡ଼ିକର ସମାଧାନ ଦିଗରେ କେନ୍ଦ୍ରୀୟ ବଜେଟ୍ ବିଫଳ ହୋଇଛି । ସେ କୃଷକ ଆତ୍ମହତ୍ୟା ପ୍ରସଙ୍ଗ ମଧ୍ୟ ଉଠାଇଥିଲେ । ଶ୍ରୀ ଗାନ୍ଧୀ କହିଛନ୍ତି MSME କ୍ଷେତ୍ର ପ୍ରତି ସରକାର ବଜେଟ୍‌ରେ ଧ୍ୟାନ ଦେଇ ନାହାନ୍ତି । ଦେଶରେ ଗୁଣାତ୍ମକ ଶିକ୍ଷା ମହଙ୍ଗା ହେବାରେ ଲାଗିଛି ଏବଂ ଗରିବ ଓ ଅବହେଳିତମାନେ ଏଥିରୁ ବଂଚିତ ହେଉଥିବା ସେ ଅଭିଯୋଗ କରିଛନ୍ତି ।

ଅନ୍ୟପକ୍ଷରେ ଦେଶରେ କର୍କଟ ରୋଗର ମୁକାବିଲା ନିମନ୍ତେ ଅଧିକ ପ୍ରୟାସ ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଆଲୋଚନାରେ ଅଂଶଗ୍ରହଣ କରି ବିଜେପିରେ ରାଓ ରାଜେନ୍ଦ୍ର ସିଂ କହିଛନ୍ତି, କେନ୍ଦ୍ରୀୟ ବଜେଟ୍ ଗରିବ, କୃଷକ ଏବଂ ମହିଳାଙ୍କ ସ୍ୱାର୍ଥ ପ୍ରତି ଧ୍ୟାନ ଦେଇଚି । ସେ କହିଛନ୍ତି ସରକାର କୃଷକମାନଙ୍କ କଲ୍ୟାଣ ଉପରେ ଧ୍ୟାନ ଦେଇଛନ୍ତି ଏବଂ ସେମାନଙ୍କ ଉନ୍ନତି ନିମନ୍ତେ ଅନେକ ଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି । ସମ୍ବାଦ ପ୍ରସ୍ତୁତ ହେଲା ବେଳକୁ ବଜେଟ୍ ଉପରେ ଆଲୋଚନା ଜାରି ରହିଛି ।

## ଆର୍‌ବିଆଇ-ପଲିସି

ଭାରତୀୟ ରିଜର୍ଭ ବ୍ୟାଙ୍କ-ଆର୍‌ବିଆଇ ୫ ବର୍ଷ ପରେ ରେପୋରେଟ୍‌କୁ ୬ ଦଶମିକ ୫/୦ ପ୍ରତିଶତରୁ ୬ ଦଶମିକ ୨/୫ ପ୍ରତିଶତକୁ ହ୍ରାସ କରିଛି । ମୁମ୍ବାଇଠାରେ ୩ ଦିନିଆ ବୈଠକ ପରେ ଆଜି ଆର୍‌ବିଆଇ ଗଭର୍ଣ୍ଣର  ସଞ୍ଜୟ ମାଲହୋତ୍ରା ଏହି ବିଷୟ ଘୋଷଣା କରି କହିଛନ୍ତି, ରେପୋ ରେଟ୍‌ରେ ୨୫ ବେସିସ୍ ପଏଣ୍ଟ ହ୍ରାସ କରାଯାଇଛି । ରେପୋରେଟ୍ ହ୍ରାସ ପାଇବା ପରେ ଷ୍ଟାଡିଙ୍ଗ୍ ଡିପୋଜିଟ୍ ସୁବିଧା ୬

ପ୍ରତିଶତ ଧାର୍ଯ୍ୟ କରାଯାଇଥିବା ବେଳେ ମାର୍ଜିନାଲ୍ ଷ୍ଟାଣ୍ଡିଂ ଫାସିଲିଟି ଓ ବ୍ୟାଙ୍କ୍ ରେଟ୍ ୬ ଦଶମିକ ୫/୦ ପ୍ରତିଶତ ରହିବ ବୋଲି କୁହାଯାଇଛି ।

**V/O**

ସୂଚନାଯୋଗ୍ୟ, ୨୦୨୦ ମେ ମାସରେ ଶେଷଥର ପାଇଁ ସୁଧହାର ହ୍ରାସ ପାଇବା ପରେ ୨୫ ବେସିସ୍ ପଏଣ୍ଟ୍ ରେପୋରେଟ୍ ହ୍ରାସ କରାଯାଇ ଏହାକୁ ୬ ଦଶମିକ ୨/୫ ପ୍ରତିଶତ କରାଯାଇଛି। ଅନ୍ୟପକ୍ଷରେ ୨୦୨୩ ଫେବୃୟାରୀରେ ରେପୋରେଟ୍‌କୁ ୨୫ ବେସିସ୍ ପଏଣ୍ଟ ବୃଦ୍ଧି କରାଯାଇ ୬ ଦଶମିକ ୫/୦ ପ୍ରତିଶତ କରାଯାଇଥିଲା ।

ଶ୍ରୀ ମାଲହୋତ୍ରା କହିଛନ୍ତି, ମୁଦ୍ରାସ୍ଫୀତି ହ୍ରାସ ପାଇଛି ଏବଂ ୨୦୨୫-୨୬ ଆର୍ଥିକ ବର୍ଷରେ ଏହା ଆହୁରି ହ୍ରାସ ପାଇବ ।  ଠକେଇ ରୋକିବା ପାଇଁ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଉଛି । **V/O**

ଆକଳନ ଅନୁଯାୟୀ ଜିଡିପି ଅଭିବୃଦ୍ଧି ୬ ଦଶମିକ ୪ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଥିବା ବେଳେ ଆସନ୍ତାବସ ଅର୍ଥନୈତିକ କାର୍ଯ୍ୟକଳାପରେ ସୁଧାର ଆସିବ ।

ପୂର୍ବରୁ ଜିଡିପି ଅଭିବୃଦ୍ଧି ୬ ଦଶମିକ ୬ ପ୍ରତିଶତ ରହିବା ନେଇ ଆକଳନ କରାଯାଇଥିଲା । ଅନ୍ୟପକ୍ଷରେ ଆସନ୍ତା ଆର୍ଥିକ ବର୍ଷ ପାଇଁ ବ୍ୟାଙ୍କ ଗୁଡ଼ିକ ନିମନ୍ତେ ଜିଡିପି ଆକଳନକୁ ୬ ଦଶମିକ ୯ ପ୍ରତିଶତରୁ  ୬ ଦଶମିକ ୭ ପ୍ରତିଶତକୁ ହ୍ରାସ କରାଯାଇଛି । ବିଶ୍ୱବ୍ୟାପି ମାନ୍ଦାବସ୍ଥା ସୃଷ୍ଟି ହୋଇଥିବାରୁ

ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଆର୍‌ବିଆଇ ଗଭର୍ଣ୍ଣର ଶ୍ରୀ ମାଲହୋତ୍ରା କହିଛନ୍ତି ।

# ପିଏମ୍-କାମେଶ୍ୱର ଚୌପାଲ

ବିଜେପିର ବରିଷ୍ଠ ନେତା ତଥା ରାମ ଜନ୍ମଭୂମି  ତୀର୍ଥକ୍ଷେତ୍ର ଟ୍ରଷ୍ଟ୍ ର ଟ୍ରଷ୍ଟି କାମେଶ୍ୱର ଚୌପାଲ୍‌ଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି' ଶ୍ରୀ ଚୌପାଲ୍ ଜଣେ ସମର୍ପିତ ରାମଭକ୍ତ ଥିଲେ ଏବଂ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣରେ ତାଙ୍କ ଅବଦାନ ମୂଲ୍ୟମାନ ଥିଲା। ଦଳିତ ପୃଷ୍ଠଭୂମିରୁ ଆସିଥିବା ଶ୍ରୀ ଚୌପାଲ୍ ସମାଜର ବଞ୍ଚିତ ସଂପ୍ରଦାୟର କଲ୍ୟାଣ ପାଇଁ ସର୍ବଦା ସ୍ମରଣୀୟ ରହିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ମହାକୁମ୍ଭ-କଲ୍‌ଚର ଇଭେଣ୍ଟ

ପ୍ରୟାଗରାଜର ମହାକୁମ୍ଭରେ ଆଜି ସନ୍ଧ୍ୟାରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଏକ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ । ଦେଶର ପ୍ରସିଦ୍ଧ କଳାକାରମାନେ ସଂଗୀତ, ନୃତ୍ୟ ଓ କଳାର ଭବ୍ୟ ଉପସ୍ଥାପନା  କରି ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିବେ ।

ମହାକୁମ୍ଭ-୨୦୨୫ କେବଳ ଭକ୍ତି ଓ ବିଶ୍ୱାସର ଏକ ମହାନ ପର୍ବ ନୁହେଁ, ବରଂ ଭାରତୀୟ ସଂସ୍କୃତି, ସଂଗୀତ, ନୃତ୍ୟ ଓ ସାହିତ୍ୟ ପାଇଁ ଏକ ବିଶ୍ୱସ୍ତରୀୟ ମଞ୍ଚ ଭାବେ ଆଦୃତି ଲାଭ କରିଛି । ଗଙ୍ଗା ମଣ୍ଡପରେ ଆଜି ଆୟୋଜିତ ହେବାକୁଥିବା କାର୍ଯ୍ୟକ୍ରମ ଗୁଡ଼ିକ ଭାରତର ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ପ୍ରଦର୍ଶିତ କରିବା ସହ ଉଭୟ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନଙ୍କ

ଆଧ୍ୟାତ୍ମିକ  ଭାବନାକୁ ଜାଗ୍ରତ କରିବ । ଓଡ଼ିଶୀ ନୃତ୍ୟ ଶିଳ୍ପୀ ସୋନାଲ୍ ମାନସିଂ ଓ ଡୋନା ଗାଙ୍ଗୁଲି, ଗାୟିକା କବିତା କୃଷ୍ଣମୂର୍ତ୍ତୀ, ହରିହରନ୍ ଓ ସୁରେଶ ଓ୍ୱାଡେକରଙ୍କ ଭଳି ପ୍ରସିଦ୍ଧ କଳାକାରମାନେ କାର୍ଯ୍ୟକ୍ରମ ପରିବେଶଣ କରିବେ । ଏହାଛଡ଼ା ବିଭିନ୍ନ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଂଗୀତ ପରମ୍ପରାର ବିଶିଷ୍ଟ କଳାକାରମାନେ ମଧ୍ୟ ମହାକୁମ୍ଭରେ ସଂଗୀତ ପରିବେଶଣ କରିବେ ।

## ୟୁଏସ୍-ଏଚ୍-୧ ବି ଭିସା

୨୦୨୬ ଆର୍ଥିକବର୍ଷ ପାଇଁ H1-B ଭିସା ପାଇଁ ଆସନ୍ତା ମାର୍ଚ୍ଚ ୭ ତାରିଖରୁ ୨୪ ତାରିଖ ମଧ୍ୟରେ ପ୍ରାରମ୍ଭିକ ପଞ୍ଜୀକରଣ କରାଯିବ । ଆମେରିକା ନାଗରିକତ୍ୱ ଏବଂ ଭିସା ସମ୍ବନ୍ଧୀୟ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସମ୍ଭାବ୍ୟ ଆବେଦନକାରୀ ଏବଂ ପ୍ରତିନିଧିମାନେ ଇଲେକ୍‌ଟ୍ରୋନିକ୍ ଭାବେ ପଞ୍ଜୀକରଣ କରିବା ପାଇଁ ପଞ୍ଜୀକରଣ ଶୁଳ୍କ ପୈଠ କରିବେ । ସୂଚନା ମୁତାବକ ୨୦୨୬ ଆର୍ଥିକ ବର୍ଷ ନିମନ୍ତେ ଆରମ୍ଭ ହୋଇଥିବା ହିତାଧିକାରୀ ଚୟନ ପ୍ରକ୍ରିୟା ୨୦୨୫ H1-B ଭିସା ତଥ୍ୟ ଅନୁଯାୟୀ କରାଯିବ ।

H1-B ଭିସା ହେଉଛି ଏକ ଅଣପ୍ରବାସୀ ଭିସା, ଯାହା ଆମେରିକୀୟ କମ୍ପାନୀ ଗୁଡ଼ିକୁ ବିଦେଶୀ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ଅନୁମତି ଦେଇଥାଏ । ଏହି ଭିସାର ମୁଖ୍ୟ ହିତାଧିକାରୀ ହେଉଛନ୍ତି ଭାରତୀୟ । ଯେଉଁମାନେ ଉଚ୍ଚ କୌଶଳ ଯୋଗ୍ୟତା ସଂପନ୍ନ ଅଟନ୍ତି । ଏହି ନିୟମ ଅନୁଯାୟୀ ପ୍ରତ୍ୟେକ ବର୍ଷ ୬୫ ହଜାର ଉଚ୍ଚଶିକ୍ଷା ପ୍ରାପ୍ତ ବ୍ୟକ୍ତିବିଶେଷଙ୍କୁ ଭିସା ନେବାକୁ ପଡ଼ିଥାଏ ।

# ପାର୍ଲାମେଣ୍ଟ -ଅପୋଜିସନ୍ ପ୍ରୋଟେଷ୍ଟ

ଅନେକ ବିରୋଧୀ ସଦସ୍ୟ ଆଜି ଶ୍ରୀଲଙ୍କା କର୍ତ୍ତୃପକ୍ଷଙ୍କ ଦ୍ୱାରା ତାମିଲନାଡୁ ମତ୍ସ୍ୟଜୀବୀଙ୍କୁ ଅଟକ ରଖିବା ପ୍ରସଙ୍ଗରେ ସଂସଦ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଡିଏମ୍‌କେ ସାଂସଦ ଦୟାନିଧି ମାରାନ୍, କଂଗ୍ରେସ ସାଂସଦ ହିବିଡେନ୍, ଆର୍‌ଜେଡି ନେତା ମନୋଜ ଝା, ସିପିଆଇର ପି. ସନ୍ତୋଷ ପ୍ରମୁଖ ବିକ୍ଷୋଭ ପ୍ରଦର୍ଶନରେ ସାମିଲ ହୋଇଥିଲେ । ପ୍ରାୟ ୯୭ ଜଣ ମତ୍ସ୍ୟଜୀବୀଙ୍କୁ ଶ୍ରୀଲଙ୍କା କର୍ତ୍ତୃପକ୍ଷ ଗିରଫ କରିଛନ୍ତି ଏବଂ ସେମାନଙ୍କୁ ଫେରାଇ ଅଣାଯିବା ଉଚିତ ବୋଲି ଡିଏମ୍‌କେ ସାଂସଦ କହିଛନ୍ତି । ପରେ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଯାଉଥିଲା ।

---

# ନିଯୁକ୍ତିମେଳା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରସ୍ଥିତ ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲ ପଡ଼ିଆଠାରେ ନିଯୁକ୍ତି ମେଳାରେ ବିଭିନ୍ନ ବିଭାଗର ୬ ହଜାର ୩୯୦ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ । ସୂଚନାଯୋଗ୍ୟ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ୨୭ଶହ ୬୭ ଜଣ, ଓଡ଼ଇଶା ଆଦର୍ଶ ବିଦ୍ୟାଳୟ ଓ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ନିମନ୍ତେ ୮୯୪ଜଣ ଅଧକ୍ଷ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯିବ । ସେହିପରି ପୂର୍ଣ୍ଣ ଅନୁଦାନପ୍ରାପ୍ତ ବେସରକାରୀ ଉଚ୍ଚବିଦ୍ୟାଳୟର ୧୭ ଶହ ୯୮ ଜଣ, ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ୨୮ ଜଣ କନିଷ୍ଠ ସହାୟକ ଶିକ୍ଷା ନିର୍ଦ୍ଦେଶାଳୟର ୨୭ ଜଣ, ମାଧ୍ୟମିକ ଶିକ୍ଷା ପରିଷଦର ୧୮ ଜଣ, ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନରେ ୨ ଜଣ ସମୀକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ନିଯୁକ୍ତିପତ୍ର ପ୍ରଦାନ କରିବେ ।

ବିକଶିତ ଭାରତ ଗଠନ ଲକ୍ଷ୍ୟରେ ସମୃଦ୍ଧ, ସଶକ୍ତ ଓ ବିକଶିତ ଓଡ଼ିଶା ନିର୍ମାଣ ସହ ଯୁବଶକ୍ତିଙ୍କୁ ସୁଯୋଗ ଦେବା ପାଇଁ ନିଯୁକ୍ତି ମେଳାର ଆୟୋଜନ କରାଯାଉଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ଭିପି-କର୍ଣ୍ଣାଟକ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜି କର୍ଣ୍ଣାଟକ ଗସ୍ତରେ ଯାଇଛନ୍ତି । ଏହି ଦିନିକିଆ ଗସ୍ତ ଅବସରରେ ଶ୍ରୀ ଧନଖଡ଼ ରାନେବେନୁର୍ ସ୍ଥିତ କର୍ଣ୍ଣାଟକ ବୈଭବ ସାହିତ୍ୟ ଓ ସାଂସ୍କୃତିକ ମହୋତ୍ସବର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗ ଦେବାର କାର୍ଯ୍ୟସୂଚୀ ରହିଛି ।

## ଟେନିସ୍

ଚେନ୍ନାଇ ଓପନ୍ ଟେନିସ୍‌ର ଫାଇନାଲ୍‌ର ଚ୍ୟାଲେଞ୍ଜର ପର୍ଯ୍ୟାୟ ପାଇଁ ଆଜି ସନ୍ଧ୍ୟାରେ ଦୁଇ ଭାରତୀୟ ପୁରୁଷ ଯୋଡ଼ି ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ । ପ୍ରଥମ ସେମିଫାଇନାଲ୍‌ରେ ସାକେତ ମାଇନେନି ଓ ରାମକୁମାର ରାମନାଥଙ୍କ ଯୋଡ଼ି ତାଇୱାନ୍‌ର ରେ ହୋ ଏବଂ ଅଷ୍ଟ୍ରେଲିଆର ମାଥ୍ୟୁ କ୍ରୀଷ୍ଟୋଫର୍ ରୋମିଓଜ୍‌ଙ୍କ ସହ ମୁକାବିଲା କରିବେ । ଭାରତୀୟ ସମୟ ଅପରାହ୍ଣ ୩ଟା ୩୦ ମିନିଟ୍‌ରେ ଖେଳ ଆରମ୍ଭ ହେବ । ଦ୍ୱିତୀୟ ସେମିଫାଇନାଲ୍‌ରେ ଅନ୍ୟ ଏକ ଭାରତୀୟ ଯୋଡ଼ି ଜୀବନ ନେଦୁନ୍ ଚେଜିଆନ୍ ଓ ବିଜୟ ସୁନ୍ଦର ପ୍ରଶାନ୍ତ’ ଜାପାନର ଯୋଡ଼ି ସିନ୍ତାରୋ ମୋଚିଜୁକି ଓ କାଇଟୋ ଉଷୁଗିଙ୍କ ସହ ମ୍ୟାଚ୍ ଖେଳିବେ । ଏହି ମ୍ୟାଚ୍ ଅପରାହ୍ଣ ୪ଟା ୪୦ ମିନିଟ୍‌ରେ ଆରମ୍ଭ ହେବ ।

ଏହା ପୂର୍ବରୁ କ୍ୱାର୍ଟର ଫାଇନାଲ୍‌ରେ ମାଇନେନି ଓ ରାମନାଥନ୍ ୬-୩,୬-୪ ସେଟ୍‌ରେ ରୁଷ୍‌ର ଆଗାଥୋ ନୋଭ ଏବଂ ଏଭଗେନି ଯୋଡ଼ିଙ୍କୁ ପରାସ୍ତ

କରିଥିଲେ । ସେହିପରି ନେଦୁନ ଚେଜିଆନ ଓ ପ୍ରଶାନ୍ତଙ୍କ ଯୋଡ଼ି ଜାପାନ ଜିମ୍ବାଓ୍ୱେ ଯୋଡ଼ିକୁ  ୬-୨,୬-୨ରେ ପରାସ୍ତ କରିଥିଲେ ।

---